# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 08th January – 2026

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଚାଲିଥିବା ଡାକ୍ତରୀ ଆନ୍ଦୋଳନ ବର୍ତ୍ତମାନପାଇଁ ସ୍ଥଗିତ ନେଇ ଓମ୍‌ସାର ଘୋଷଣା ।

- ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା ନେଇ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ।

- ଓଡ଼ିଶା ହାଇକୋର୍ଟ ସମେତ ଜିଲ୍ଲାର ୨ଟି କୋର୍ଟକୁ ବୋମା ଧମକ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହେବ ବୈଠକ ।

- ଭୁବନେଶ୍ୱରଠାରେ ଦେଶର ସର୍ବବୃହତ୍ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀର ଚତୁର୍ଥ ସଂସ୍କରଣ ଉଦ୍‌ଘାଟିତ ।

ଏବଂ

- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ସମୀକ୍ଷା ବୈଠକ ଅନୁଷ୍ଠିତ ।

— ଚଳିତ ମାସରେ ମିଳିବ ସାଢ଼େ ୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସହାୟତା ରାଶି ।

***Desk***

## ଡାକ୍ତରୀ ଆନ୍ଦୋଳନ

ରାଜ୍ୟରେ ଚାଲିଥିବା ଡାକ୍ତରୀ ଆନ୍ଦୋଳନ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ଓମ୍‌ସା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଜି ସନ୍ଧ୍ୟାସୁଦ୍ଧା ସରକାର ଦୁଇଟି ଦାବୀ ପୂରଣ ନେଇ ବିଜ୍ଞପ୍ତି ଜାରି କରିବେ । ଅନ୍ୟ ଦାବିଗୁଡ଼ିକ ପୂରଣ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଥିବା ଓମ୍‌ସା କହିଛି । ଅନ୍ୟପକ୍ଷରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଆନ୍ଦୋଳନ ପ୍ରତ୍ୟାହାର ନେଇ ଓମ୍‌ସାର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଓମ୍‌ସାର ପ୍ରତିନିଧିଙ୍କ ସହ ଆଲୋଚନା ହୋଇଥିଲା ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

***BBSR/R***

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା ଅନ୍ତର୍ଗତ ଉପହାର ସାମଗ୍ରୀ ଯୋଗାଇବାପାଇଁ ମହିଳା ଓ ଶିଶୁବିକାଶ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ଉତ୍କଳିକା, ଓଡ଼ିଶା ରାଜ୍ୟ ହସ୍ତତନ୍ତ ସମବାୟ ନିଗମ

ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱରଠାରେ ମହିଳା ଓ ଶିଶୁବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ବୁଝାମଣାପତ୍ରରେ ଯୋଗ୍ୟ କନ୍ୟାମାନଙ୍କୁ ଉପହାର ସାମଗ୍ରୀରେ ଶାଢ଼ୀ, ଚୁଡ଼ି, ପାଉଁଜି, ବାସନକୁସନ ଆଦି ଯୋଗାଇ ଦିଆଯିବ । ମହିଳା କଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ସହ ରାଜ୍ୟର ହସ୍ତଶିଳ୍ପ ଓ ହସ୍ତକଳା ଶିଳ୍ପକୁ ପ୍ରୋତ୍ସାହିତ କରିବାପାଇଁ ଶ୍ରୀମତୀ ପରିଡ଼ା ମତପ୍ରକାଶ କରିଥିଲେ ।

***Desk***

# ବୋମା ଧମକ

ଓଡ଼ିଶା ହାଇକୋର୍ଟ ସମେତ ସମ୍ବଲପୁର ଏବଂ ଦେବଗଡ଼ ଜିଲ୍ଲାକୋର୍ଟକୁ ଇମେଲ୍ ଜରିଆରେ ଆଜି ବୋମା ଧମକ ମିଳିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ବୈଠକରେ ମୁଖ୍ୟମନ୍ତ୍ରୀ ଘଟଣା ସମ୍ପର୍କରେ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ସହ ଆଲୋଚନା କରିବେ। ଘଟଣାକୁ ନେଇ କମିଶନରେଟ୍ ପୁଲିସ୍ ଓ କ୍ରାଇମ୍ ବ୍ରାଞ୍ଚ ମିଳିତ ତଦନ୍ତ କରିବ ବୋଲି ପୁଲିସ୍ କମିଶନର ଏସ୍. ଦେବଦତ୍ତ ସିଂହ କହିଛନ୍ତି ।

***Voice :.......***

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘଟଣା ସହ ଜଡ଼ିତ ଅପରାଧିଙ୍କୁ ଖୋଜି ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବାବେଳେ ଆତଙ୍କିତ ନ ହେବାପାଇଁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

***Voice** :.......*

***Desk***

# ପାମ୍ ଅଏଲ୍

ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ଆଜି ପାମ୍ ଅଏଲ୍ କମ୍ପାନୀ ବ୍ୟବସାୟ ମୁଖ୍ୟ ମିତୁଲ୍ ରଏ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ରାଜ୍ୟରେ ପାମ୍ ଅଏଲ୍ ଚାଷ ତଥା ତୈଳ ନିଷ୍କାସନ ୟୁନିଟ୍ ସ୍ଥାପନ ନେଇ ନିଜର ଆଗ୍ରହ ପ୍ରକାଶ କରିଛନ୍ତି । ୟୁନିଟ୍ ସ୍ଥାପନ ନିମନ୍ତେ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି । ସାକ୍ଷାତ୍ ସମୟରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ୍ ପ୍ରମୁଖ ଉପସ୍ଥିତ ଥିଲେ ।

*IPR*

# କେଳୁଚରଣ

ଓଡ଼ିଶୀ ନୃତ୍ୟକୁ ମହାନ୍ କଳାସାଧକ ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ର ଏକ ଆଧ୍ୟାତ୍ମିକ ଅନୁଭୂତି ଭାବେ ଉପସ୍ଥାପନ କରୁଥିଲେ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଓଡ଼ିଶୀ ନୃତ୍ୟଗୁରୁ ସ୍ୱର୍ଗତ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ କେଳୁଚରଣ କୀର୍ତ୍ତି ଶତକମ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସୂରଜ କହିଛନ୍ତି, ଗୁରୁଜୀଙ୍କ ଜୀବନ ଓଡ଼ିଶୀ ନୃତ୍ୟପାଇଁ ସମର୍ପିତ ଥିଲା । ତାଙ୍କ ଉଦ୍ୟମରେ ନୃତ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇପାରିଛି । ସମସ୍ତେ ଗୁରୁଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶୀ ନୃତ୍ୟର ବିକାଶ ଏବଂ ପ୍ରଚାର ଓ ପ୍ରସାରପାଇଁ କାର୍ଯ୍ୟ କରିବା ନିମନ୍ତେ ସଙ୍କଳ୍ପବଦ୍ଧ ହେବାକୁ କହିଛନ୍ତି । ଏହି ଅବସରରେ ନୃତ୍ୟଗୁରୁ ବିଷ୍ଣୁତତ୍ତ୍ୱ ଦାସ ଓଡ଼ିଶୀ ନୃତ୍ୟ ପରିବେଷର କରିଥିଲେ ।

*BBSR/R*

# ଖଣି ଓ ଭିତ୍ତିଭୂମି ପ୍ରଦର୍ଶନୀ

ଦେଶର ସର୍ବବୃହତ୍ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀର ଚତୁର୍ଥ ସଂସ୍କରଣ ଆଜି ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଉଦ୍‌ଘାଟିତ

ହୋଇଯାଇଛି । ପ୍ରଦର୍ଶନୀରେ ୩ ଶହରୁ ଉର୍ଦ୍ଧ୍ୱ କମ୍ପାନୀ ଅଂଶଗ୍ରହଣ କରିବା ସହ ଦେଶ ତଥା ବିଦେଶର ଖଣି, ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରର ପ୍ରମୁଖ ବିଶେଷଜ୍ଞମାନେ ଏକତ୍ରିତ ହୋଇଛନ୍ତି । ପ୍ରଯୁକ୍ତି ବିନିମୟ, ଶିଳ୍ପ ସହଯୋଗ, ନିରନ୍ତର ଖଣିଜ ବିକାଶପାଇଁ ପ୍ରଦର୍ଶନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଛି । ରୁଷ୍, ଜର୍ମାନୀ, କୋରିଆ, ଜାପାନ, ଚୀନ୍ ଏବଂ ତାଇୱାନ ଭଳି ପ୍ରମୁଖ ରାଷ୍ଟ୍ରର ପ୍ରତିଷ୍ଠିତ ସଂସ୍ଥାମାନେ ସେମାନଙ୍କର ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ସମାଧାନ ଉପରେ ପ୍ରଦର୍ଶନ କରୁଛନ୍ତି । ବହୁ ବ୍ୟାବସାୟିକ ପ୍ରତିନିଧି ଦଳ ଏବଂ କ୍ରେତାମାନଙ୍କୁ ଏହି ପ୍ରଦର୍ଶନୀ ଆକୃଷ୍ଟ କରିଛି, ଯାହା ଭାରତୀୟ ଏବଂ ଅନ୍ତର୍ଜାତୀୟ ଉଦ୍ୟାଗୀଙ୍କ ମଧ୍ୟରେ ସହଯୋଗ ଓ ଦୀର୍ଘକାଳୀନ ରଣନୈତିକ ସମ୍ପର୍କ ସ୍ଥାପନରେ ସହାୟକ ହେବ । ପ୍ରଦର୍ଶନୀ ଆସନ୍ତା ରବିବାର ପର୍ଯ୍ୟନ୍ତ ଚାଲିବ ।

***BBSR/R***

## ସୁଭଦ୍ରା ସହାୟତା ରାଶି

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଆଜି ସୁଭଦ୍ରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସରେ ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ରାଶି ପ୍ରଦାନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ଏହି ପର୍ଯ୍ୟାୟରେ ମୋଟ ୪ ଲକ୍ଷ ୫୭ ହଜାର ୬୮୧ ଜଣ ମହିଳା ସୁଭଦ୍ରା ଟଙ୍କା ପାଇବେ। ସେଥିମଧ୍ୟରୁ ୧ ଲକ୍ଷ ୭୮ ହଜାର

୩୯୮ ଜଣ ନୂଆ ହିତାଧିକାରୀଙ୍କୁ ସହାୟତା ମିଳିବ। ସେହିପରି ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣ ହିତାଧିକାରୀଙ୍କୁ ଏହି ପର୍ଯ୍ୟାୟରେ ସାମିଲ କରାଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ହିତାଧିକାରୀମାନଙ୍କୁ ମୋଟ ୨୫୦ କୋଟି ଟଙ୍କାର ସହାୟତା ଦିଆଯିବ। ଆସନ୍ତା ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ମାର୍ଚ୍ଚ ୮ ତାରିଖରେ ପ୍ରଦାନ କରାଯିବାକୁ ଥିବା ଚତୁର୍ଥ କିସ୍ତି ସମ୍ପର୍କରେ ମଧ୍ୟରେ ବୈଠକର ଆଲୋଚନା କରାଯାଇଛି । ସମସ୍ତ ଯୋଗ୍ୟ ହିତାଧିକାରୀ ଚତୁର୍ଥ କିସ୍ତି ସୁନିଶ୍ଚିତ କରିବାପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

***Kendrapara/R***

# ନିର୍ବାଚନ

ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାପାଳ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ପର୍କରେ ଆଲେଚାନା କରିଛନ୍ତି । ବାଲାଟ୍ ବକ୍ସ ମହଜୁଦ, ଜିଲ୍ଲାର ଜନସଂଖ୍ୟା ପରିସଂଖ୍ୟାନ, ଅସ୍ଥାୟୀ ବୁଥ୍, ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍, ଘରକୁ ଘର ସର୍ଭେ, ପ୍ରାର୍ଥୀ ସଂରକ୍ଷିତ ତାଲିକା, ଭୋଟ୍ ଗଣତି ମତାମତ ସମେତ ଭୋଟର୍ ତାଲିକାରେ ନାମ ଯୋଡ଼ିବା ଆଦି ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

*Deogarh/R*

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଦେବଗଡ଼ ଜିଲ୍ଲା ପ୍ରଧାନପାଟ ବଡ଼ବଗିଚାଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ଅଭିବୃଦ୍ଧି ଓ ଚାଷୀଙ୍କ ସମୃଦ୍ଧି ନିମନ୍ତେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ କାର୍ଯ୍ୟକ୍ରମରେ ଯୋଗଦେଇ କୃଷିର ବିକାଶ ହେଲେ ରାଜ୍ୟର ବିକାଶ ହେବ ବୋଲି କହିଛନ୍ତି । ଚାଷୀମାନେ ସରକାରଙ୍କ ଯୋଜନାର ଉପଯୋଗ କରି ଆତ୍ମନିର୍ଭର ହେବାପାଇଁ ଶ୍ରୀ ନାଏକ ପରାମର୍ଶ ଦେଇଥିଲେ । ପ୍ରଦର୍ଶନୀ ମେଳାରେ ବିଭାଗ ପକ୍ଷରୁ ୨୭ଟି ଷ୍ଟଲ୍ ଖୋଲାଯାଇଥିଲା ।

*Boudh/R*

## ସାଧାରଣତନ୍ତ୍ର ଦିବସ ବୈଠକ

ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା ।

*Nabarangpur/R*

# ସଡ଼କ ସୁରକ୍ଷା ସମିତି ବୈଠକ

ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗତକାଲି ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଡ଼କ ସୁରକ୍ଷା ଆଇନର ଉଲ୍ଲଙ୍ଘନ କ୍ଷେତ୍ରରେ ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ଆଲୋଚନା ହେବା ସହ ସଡ଼କ ସୁରକ୍ଷା ସଚେତନତା ନେଇ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମଗୁଡ଼ିକ ଉପରେ ମତ ବିନିମୟ ହୋଇଛି ।

*Sonepur/R*

# ବୌଦ୍ଧିକ କଥାଚକ୍ର

ସୁବର୍ଣ୍ଣପୁର ଜିଲ୍ଲା ରାମେଶ୍ୱର ଷ୍ଟାଡିୟମ୍‌ଠାରେ ଆୟୋଜିତ ମହିମା ସୁବର୍ଣ୍ଣପୁର ଲୋକମହୋତ୍ସବର ବୌଦ୍ଧିକ କଥାଚକ୍ରରେ ଆଜି ସାଇବର ଅପରାଧ ଓ ସୁରକ୍ଷା ଶୀର୍ଷକରେ ଆଲୋଚନା ହୋଇଥିଲା । ବରିଷ୍ଠ ପୁଲିସ ଅଧିକାରୀ ରେଣୁକା ସୁନା ଓ ସାଇବର ବିଶେଷଜ୍ଞ ଅଧ୍ୟାପକ ଆଶିଷ ଅଗ୍ରୱାଲ୍ ସାଇବର ଅପରାଧର ସ୍ୱରୂପ, ବ୍ୟାପକତା ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

*Nayagarh/R*

# ଯଦୁମଣି ଜୟନ୍ତୀ

ନୟାଗଡ଼ ଜିଲ୍ଲା ଇଟାମାଟିଠାରେ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କ ୨୪୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ଆଜି ପାଳିତ ହୋଇଯାଇଛି । ବ୍ୟଙ୍ଗସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସାରସ୍ୱତ ସାଧକ ଯଦୁମଣିଙ୍କ କାଳଜୟୀ ରଚନା 'ରାଘବ ବିଳାସ' ଏବଂ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଉତ୍କଳଭାରତୀର ସାରସ୍ୱତ ଭଣ୍ଡାରକୁ ପରିପୁଷ୍ଟ କରିଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଧାୟକ ଅରୁଣ କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସାରସ୍ୱତ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ ।

*Dhenkanal/R*

# ଯୋରନ୍ଦା ମେଳା - ପ୍ରସ୍ତୁତି ବୈଠକ

ଢେଙ୍କାନାଳର ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା ଆୟୋଜନ ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଆଜି ଯୋରନ୍ଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମେଳାର ସୁପରିଚାଳନା, ପର୍ଯ୍ୟାପ୍ତ ଜଳଯୋଗାଣ, ମେଳା ପୂର୍ବରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ରାସ୍ତା ମରାମତି ଶେଷ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଯାନବାହନ ପାର୍କିଂପାଇଁ ଅଧିକ ଜାଗା ଚିହ୍ନଟ

କରିବା, ଅଗ୍ନିନିର୍ବାପକ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟସେବା ଶିବିର ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ବିଭାଗୀୟ ଅଧିକାରୀ ଓ ମହିମା ଗାଦିର ସାଧୁସନ୍ଥମାନେ ଉପସ୍ଥିତ ଥିଲେ ।

***Nayagarh/R***

## ସୁଭଦ୍ରା ଶକ୍ତିମେଳା

ନୟାଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସୁଭଦ୍ରା ଶକ୍ତିମେଳା ଆୟୋଜନ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲକ୍ଷପତି ଦିଦି ସୃଷ୍ଟିପାଇଁ ଉତ୍ପାଦ ଆଧାରିତ ଜୀବିକା ମାଧ୍ୟମରେ ମହିଳା ନେତୃତ୍ୱଭିତ୍ତିକ ଜୀବିକାକୁ ପ୍ରୋତ୍ସାହନ ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସୁଭଦ୍ରା ଶକ୍ତିମେଳା ଏ ଦିଗରେ ଏକ ଅନୁଭୂତିମୂଳକ ଶିକ୍ଷାମଞ୍ଚ ଭାବେ କାର୍ଯ୍ୟ କରିବ ବୋଲି ଶ୍ରୀ ରାଉତ କହିଥିଲେ । ଆସନ୍ତା ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୧୫୦ଟି ଷ୍ଟଲ୍ ଖୋଲାଯିବ ।

*Nabarangpur/R*

# ମିଶନ ଶକ୍ତି ସଚିବ

ନବରଙ୍ଗପୁର ଜିଲ୍ଲାକୁ ଗସ୍ତରେ ଯାଇ ରାଜ୍ୟ ମିଶନ ଶକ୍ତି ବିଭାଗ ଅତିରିକ୍ତ ସଚିବ ଜ୍ୟୋତିଶଙ୍କର ମହାପାତ୍ର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମିଶନ ଶକ୍ତି କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିଛନ୍ତି । ଏହାପରେ କୋଷାଗୁମୁଡ଼ା ବ୍ଲକ୍‌ସ୍ଥିତ ଲିମ୍ବଭଟା ଗ୍ରାମକୁ ଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ଧାନରେ ତିଆରି ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ଦେଖିଥିଲେ । ରାଜୋଡ଼ା ଗ୍ରାମପଞ୍ଚାୟତରେ ସ୍ୱୟଂ ସହାୟକ ସଦସ୍ୟଙ୍କଦ୍ୱାରା ପରିଚାଳିତ ରିଟେଲ୍ ମାର୍ଟ ପରିଦର୍ଶନ କରିବା ସହ କୋଷାଗୁମୁଡ଼ା ବ୍ଲକ୍ ସ୍ଥିତ ମିଶନ ଶକ୍ତି କାଫେଠାରେ ବ୍ଲକ୍‌ସ୍ତରୀୟ ମହାସଂଘ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ ।

******